# ହୋଟେଲ ଶିଳ୍ପ ସ୍ଥାଣୁ



ଢେଙ୍କାନାଳ ଜିଲାର ଏକ ହୋଟେଲ।

- ସୀମା ଟପିଲାଣି କ୍ଷତି
- ପାର୍ବଣରେ ବି ଦିଶୁନି ଆଶା
- ଚିନ୍ତାରେ ମାଲିକ, କର୍ମଚାରୀ

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୨୩।୮**

ପର୍ଯ୍ୟଟନରେ ପୁଞ୍ଜି ପ୍ରବାହର ଆଶା ବଢ଼ାଏ ହୋଟେଲ ଶିଳ୍ପ। ହୋଟେଲ ଶିଳ୍ପର ବିକାଶ ଟୁରିଜମ୍ ଭବିଷ୍ୟତକୁ ଦେଇଥାଏ ନୂଆ ଦିଶା। ଉନ୍ନତମାନର ରହଣି ସୁବିଧା, ଆତିଥ୍ୟରେ ଆକୃଷ୍ଟ ହୋଇ ଆସୁଥିବା ପର୍ଯ୍ୟଟକ ଆଞ୍ଚଳିକ ଅର୍ଥନୀତିକୁ ଯୋଗାଇଥାନ୍ତି ବଳ। ହେଲେ କରୋନା ପ୍ରହାରରେ ଦିଗହରା ହୋଇପଡ଼ିଛି ରାଜ୍ୟ ଅର୍ଥନୀତିର ଏହି ଅନ୍ୟତମ ଉତ୍ସ। ପାଖାପାଖି ୬ମାସ ହେଲା ବ୍ୟବସାୟ ବନ୍ଦ। ସବୁକିଛି ସ୍ଥାଣୁ ପାଲଟିଯାଇଛି। ଗ୍ରାହକ ଆସୁଛନ୍ତି ନା ପର୍ଯ୍ୟଟକ। ସୀମା ଟପିଲାଣି କ୍ଷତି। ଏହାର ପ୍ରଭାବରେ ପ୍ରଭାବିତ ହୋଇଛନ୍ତି ଶତାଧିକ ହୋଟେଲ ମାଲିକ, କର୍ମଚାରୀ ଏବଂ ଏହା ସହିତ ଜଡ଼ିତ ଅନ୍ୟମାନେ। ଦୀର୍ଘଦିନ ହେଲା ବିପୁଳ କ୍ଷତି ସହୁଥିବା ହୋଟେଲ ମାଲିକ ପାର୍ବଣରେ ବ୍ୟବସାୟ ସୁଧାର ହେବ ବୋଲି ଆଶା ବାନ୍ଧିଥିଲେ। ତେବେ ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣ କାରଣରୁ ପାର୍ବଣ ଋତୁ ବି ହାତରୁ ଖସିଯିବା ଆଶଙ୍କା ସୃଷ୍ଟି ହୋଇଛି।

ପର୍ଯ୍ୟଟନ ସମ୍ଭାରରେ ଭରପୂର ଢେଙ୍କାନାଳ। ଏଠାରେ ରହିଛି ପ୍ରାଚୀନ ଶୈବପୀଠ କପିଳାସ, ପ୍ରକୃତିର ବରଦାନ ସପ୍ତଶଯ୍ୟା, ବିଶ୍ୱ ପ୍ରସିଦ୍ଧ ମହିମା ଧର୍ମ ପୀଠ ଯୋରନ୍ଦା, ଐତିହାସିକ କୀର୍ତ୍ତିରାଜି ସରାଙ୍ଗ ବିଷ୍ଣୁଶୟନ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନସ୍ଥଳୀ। ପର୍ଯ୍ୟଟନକ୍ଷେତ୍ର ବୁଲିବା ପାଇଁ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଏଥିରୁ ବିପୁଳ ଅର୍ଥ ରୋଜଗାର କରିଥାନ୍ତି ହୋଟେଲ ମାଲିକ। ହେଲେ ଚଳିତବର୍ଷ ସବୁକିଛି ବିଗାଡ଼ି ଦେଇଛି କରୋନା। ଜିଲାରେ ହୁ ହୁ ହୋଇ ସଂକ୍ରମଣ ବଢୁଥିବାବେଳେ ପର୍ଯ୍ୟଟନସ୍ଥଳୀକୁ ପର୍ଯ୍ୟଟକଙ୍କ ଯିବା ଉପରେ କଟକଣା ଜାରି କରାଯାଇଛି। ଜିଲାକୁ ପର୍ଯ୍ୟଟକ ଆସୁନାହାନ୍ତି। ଏଥିରେ ସବୁଠାରୁ ବେଶି ପ୍ରଭାବିତ ହୋଇଛି ହୋଟେଲ ଶିଳ୍ପ। ଗଣେଶ ପୂଜା ସହ ପାର୍ବଣ ଆରମ୍ଭ ହୋଇସାରିଥିବାବେଳେ କଟକଣା କେବେ ହଟିବ ଏବଂ ପରିସ୍ଥିତି ସ୍ୱାଭାବିକ ହେବ ତାହାକୁ ନେଇ ଆଶାଆଶଙ୍କାରେ ଅଛନ୍ତି ହୋଟେଲ ମାଲିକ।

ସହରରେ ସୂର୍ଯ୍ୟ, ଦେବକନ୍ୟା, ଆର୍.କେ. ରିଜେନ୍ସି, ନିରୁପମା, ଶକୁନ୍ତଳା ଭଳି ବଡ଼ ହୋଟେଲ ସାଙ୍ଗକୁ ବହୁ ଲଜ୍ ଏବଂ ଗେଷ୍ଟହାଉସ୍ ଅଛି। କପିଳାସରେ ଥିବା ନିରୁପମା ହୋଟେଲ ଏବଂ ରୟାଲ ପ୍ୟାଲେସ୍‌ରେ ବିଦେଶୀ ପର୍ଯ୍ୟଟକଙ୍କ ରହଣି ଲାଗି ସୁବନ୍ଦୋବସ୍ତ ରହିଛି। ତେବେ କରୋନା ପାଇଁ ବନ୍ଦ ହୋଇଯାଇଛି ରୋଜଗାର। ଅପରପକ୍ଷେ କର୍ମଚାରୀଙ୍କ ଦରମା, ବିଦ୍ୟୁତ୍ ବିଲ୍‌ରେ ପ୍ରତିମାସରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏହା ବୋଝ ଉପରେ ନଳିତା ବିଡ଼ା ହୋଇଛି। ଋଣକରି ବ୍ୟବସାୟ କରୁଥିବା ମାଲିକମାନେ କିଛି ଶୁଝିପାରୁନାହାନ୍ତି, ଯାହା ସେମାନଙ୍କୁ ଦୁର୍ଦ୍ଦିନ ଭିତରକୁ ଠେଲିଦେଇଛି। ଏସବୁ ମଧ୍ୟରେ କଟକଣା ହଟିବା ନେଇ ରାଜ୍ୟ ସରକାର ଓ ଜିଲା ପ୍ରଶାସନର ନିଷ୍ପତ୍ତିକୁ ଅପେକ୍ଷା କରି ରହିଛନ୍ତି ହୋଟେଲ ମାଲିକ।

### ଅବସ୍ଥା ସାଂଘାତିକ



ହୋଟେଲ ଶିଳ୍ପ ଅବସ୍ଥା ସାଂଘାତିକ ହେଲାଣି। ୫ମାସ ହେଲା ବ୍ୟବସାୟ ନାହିଁ। କର୍ମଚାରୀଙ୍କୁ ଛାଡ଼ି ହେଉନି। ବ୍ୟବସାୟ ନ ଥିବା ବେଳେ କର୍ମଚାରୀଙ୍କୁ ଦରମା ଦେବା ଏବଂ ବିଦ୍ୟୁତ୍ ବିଲ୍ ବୋଝ ହୋଇଛି। ବସ୍, ଟ୍ରେନ୍, ବିମାନ ଚଳାଚଳ ସ୍ୱାଭାବିକ ହୋଇ ନ ଥିବାରୁ କେହି ଆସୁନାହାନ୍ତି। ଅଫିସ ବନ୍ଦ ଥିବାରୁ କର୍ମଚାରୀଙ୍କ ଦେଖାମିଳୁନି। ବ୍ୟାଙ୍କ ଋଣ କରି ବ୍ୟବସାୟ କରିଥିବା ମାଲିକଙ୍କ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଆଗକୁ ପର୍ଯ୍ୟଟନ ଏବଂ ପାର୍ବଣ ଋତୁ ଥିବାରୁ ସ୍ଥିତି ସୁଧୁରିବ ବୋଲି ଆଶାରେ ରହିଛୁ।

**- ଜ୍ଞାନେନ୍ଦ୍ର ବେହେରା, ହୋଟେଲ ମାଲିକ**

### ପ୍ରୋତ୍ସାହନ ଜରୁରୀ



କରୋନା ସମୟରେ ହୋଟେଲ ଶିଳ୍ପ ସଙ୍କଟଜନକ ସ୍ଥିତି ଦେଇ ଗତିକରୁଛି। କଟକଣା ଯୋଗୁ ପର୍ଯ୍ୟଟନର ସବୁ ବାଟ ବନ୍ଦ ହୋଇଯାଇଛି। କୋଭିଡ୍ ନିୟମକୁ ମାନି କେବଳ ରେଷ୍ଟୁରାଣ୍ଟରୁ କୋଭିଡ୍ ଖାଦ୍ୟ ପାର୍ସଲ ଆକାରରେ ଦିଆଯାଉଛି। କମ୍ପାନୀର କର୍ମଚାରୀମାନେ ଆୟର ପ୍ରମୁଖ ଉତ୍ସ ଥିଲେ। ସେମାନେ 'ୱାର୍କ ଫ୍ରମ ହୋମ୍'ରେ ଅଛନ୍ତି। କେହି ଆସୁ ନ ଥିବାରୁ ରୁମ୍ ବୁକିଂ ହୋଇପାରୁନି। ସରକାର ଏ ବିଷୟରେ ଚିନ୍ତା କରିବା ଉଚିତ। ହୋଟେଲ ଶିଳ୍ପକୁ ଆଗକୁ ବଢ଼ିବା ପାଇଁ ପ୍ରୋତ୍ସାହନ ଜରୁରୀ।

**- ରାଜେନ୍ଦ୍ର ଦାସ, ହୋଟେଲ ମାଲିକ**

### ଚଳାଇବା କଷ୍ଟକର



କରୋନା ମାଡ଼ରେ ପର୍ଯ୍ୟଟନ ଶିଳ୍ପର ମେରୁଦଣ୍ଡ ଦୋହଲିଯାଇଛି। ଏହା ସହିତ ସଂଶ୍ଳିଷ୍ଟ ହୋଟେଲ ବ୍ୟବସାୟ ମଧ ବିପୁଳ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ପର୍ଯ୍ୟଟନ ଏବଂ ପାର୍ବଣ ସମୟରେ ସବୁବର୍ଷ ଅଗଷ୍ଟରୁ ଆଡ୍‌ଭାନ୍ସ ରୁମ୍ ବୁକିଂ ହୋଇଯାଉଥିଲା। ଚଳିତବର୍ଷ ଗୋଟିଏ ରୁମ୍ ବୁକିଂ ହୋଇନାହିଁ। କେବଳ ଖାଦ୍ୟ ପାର୍ସଲ ଦେଇ ରେଷ୍ଟୁରାଣ୍ଟ ଚଳାଇବା କଷ୍ଟକର ହୋଇଗଲାଣି। କରୋନା ସ୍ଥିତି ବଦଳିବା ପରେ ହିଁ ସବୁକିଛି ଆଉଥରେ ସ୍ୱାଭାବିକ ହେବ।

**- ରଞ୍ଜନ ମିଶ୍ର, ଇନଚାର୍ଜ, ଗ୍ରୁପ୍ ଅଫ୍ ନିରୁପମା**




# ବିଧିରକ୍ଷା ପାଇଁ ହେବ ଲକ୍ଷ୍ମୀପୂଜା

- ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି
- ସୁନିଆରେ ମାଟି ଅନୁକୂଳ
- ନିରାଡ଼ମ୍ବରରେ ହେବ ପୂଜା
- ଭସାଣି ଶୋଭାଯାତ୍ରା ବନ୍ଦ
- କଟକଣାକୁ ଦିଆଯିବ ସମ୍ମାନ

**ଢେଙ୍କାନାଳ ଅଫିସ, ୨୩।୮:** ଢେଙ୍କାନାଳ ଜିଲାର ପ୍ରସିଦ୍ଧ ଲକ୍ଷ୍ମୀପୂଜା ଉପରେ ଢାଙ୍କିଛି କରୋନା କଳାବାଦଲ। ଚଳିତବର୍ଷ କେବଳ ବିଧିରକ୍ଷା ପାଇଁ ପୂଜାଉତ୍ସବ ହେବ। କୋଭିଡ୍ ନିୟମକୁ ସମ୍ମାନ ଜଣାଇ ମା'ଙ୍କ ଆବାହନ କରାଯିବ। ଭସାଣି ଶୋଭାଯାତ୍ରା ବନ୍ଦ କରାଯାଇଥିବାବେଳେ ନିରାଡ଼ମ୍ବରରେ ପୂଜାର୍ଚ୍ଚନ ସାରିବାକୁ ରବିବାର ମିଳିତ ବଜାର ପୂଜା କମିଟି ବୈଠକରେ ନିଷ୍ପତ୍ତି ହୋଇଛି।

କୋଭିଡ୍ ମହାମାରୀ କବଳିତ ବିଶ୍ୱବାସୀଙ୍କ କଲ୍ୟାଣ କାମନା କରି ମଣ୍ଡପରେ ୧୧ଦିନ ମା'ଲକ୍ଷ୍ମୀଙ୍କ ଆବାହନ କରାଯିବ। କୌଣସି ସାଜସଜ୍ଜା ହେବନାହିଁ। ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିବ। ମା'ଙ୍କ ମୂର୍ତ୍ତି ନିର୍ମାଣ ଲାଗି ଚଳିତ ମାସ ୨୮ ତାରିଖ ସୁନିଆରେ ମାଟି ଅନୁକୂଳ କରାଯିବ। ବିନା ଶୋଭାଯାତ୍ରାରେ ସ୍ୱଳ୍ପସଂଖ୍ୟକ କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟ କରାଯିବ ବୋଲି ସହମତି ପ୍ରକାଶ ପାଇଛି। ମିନାବଜାର ପୂଜା ପ୍ରତିଷ୍ଠାନ ସଭାପତି ରବିନାରାୟଣ ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମିଳିତ ବଜାର ପୂଜା କମିଟି ସଭାପତି ବିଶ୍ୱନାଥ ବେହେରା, ଗୋପାଳ ପାତ୍ର, ସୁଧାଂଶୁ ଦଳେଇ, ନବୀନଚନ୍ଦ୍ର ନାରାୟଣ ଦାସ, ରାମଚନ୍ଦ୍ର ପାତ୍ର, ବସନ୍ତ ସାହୁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।




# ଦୁଇ କାର୍ ମୁହାଁମୁହିଁ: ଭଉଣୀଭାଇ ମୃତ



ଦୁର୍ଘଟଣାରେ କ୍ଷତିଗ୍ରସ୍ତ କାର୍।

**ପରଜଙ୍ଗ, ୨୩।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଭେଜିଆ ଛକ ନିକଟରେ ରବିବାର ଅପରାହ୍ଣରେ ଦୁଃଖଦ ଦୁର୍ଘଟଣାରେ ୨ ଭଉଣୀଭାଇଙ୍କ ଜୀବନ ଯାଇଛି। ଏଥିରେ ଅନ୍ୟ ୬ଜଣ ଗୁରୁତର ହୋଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏକ କାର୍ (ଓଡ଼ି ୦୨ ଆର୍ ୨୯୪୪) ପିଟିରିରୁ ପାଲଲହଡ଼ା ଅଭିମୁଖେ ଯାଉଥିବାବେଳେ ବିପରୀତ ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ କାର୍ (ଓଆର୍ ୦୭ ଆର୍ ୩୦୩୦) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ପାଲଲହଡ଼ା ଅଭିମୁଖେ ଯାଉଥିବା କାର୍‌ଟି ରାସ୍ତା ତଳକୁ ଖସିପଡ଼ିଥିଲା। ଗାଡ଼ିରେ ବସିଥିବା ମିତାଲି ନାହାକ (୮), ନିଖିଳ ନାହାକ (୬)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ବାପା ଶିବଶଙ୍କର ନାହାକ (୩୮), ମା' ଇତାରାନି ନାହାକ (୨୬), ସମ୍ପର୍କୀୟ ଲକ୍ଷ୍ମଣ ସାହୁ (୩୩) ଏବଂ ଡ୍ରାଇଭର ଗୁରୁତର ହୋଇଛନ୍ତି। ଏମାନେ ସମସ୍ତେ ଗଞ୍ଜାମ ଜିଲାର। ସେହିପରି ଅନ୍ୟଗାଡ଼ିରେ ବସିଥିବା ଅନୁଗୋଳ ଜିଲା ବଳରାମପ୍ରସାଦର ସର୍ବେଶ୍ୱର ମହାନ୍ତି, ନଟବର ମହାନ୍ତି ଆହତ ହୋଇଛନ୍ତି। ଉଭୟେ ନାଲ୍‌କୋ କର୍ମଚାରୀ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଦଦରାଘାଟି ଫାଣ୍ଡି ଅଧିକାରୀ ସମରଜିତ ନାୟକ, ପରଜଙ୍ଗ ବ୍ଲକ ଯୁବ ବିଜେଡି ସଭାପତି ସୁବ୍ରତ ଦାସ ପ୍ରମୁଖ ପହଞ୍ଚି ସମସ୍ତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ମଣ୍ଡାପାଳ ଡାକ୍ତରଖାନାକୁ ପଠାଇଥିଲେ।



## ସଂକ୍ଷେପରେ

### ନିମ୍ନମାନର ଇଞ୍ଜେକଶନ ଦେଇ ଟେକ୍ନିସିଆନ ଗିରଫ

**ଛେଣ୍ଡିପଦା, ୨୩।୮(ସ୍ୱ.ପ୍ର.):** ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ଅଞ୍ଚଳରେ ଏକ ଘରୋଇ ପାଥୋଲ୍ୟାବରେ ଜଣେ ବୃଦ୍ଧାଙ୍କୁ ନିମ୍ନମାନର ଇଞ୍ଜେକଶନ ଦିଆଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଇଞ୍ଜେକଶନ ଦେଇଥିବା ଜଣେ ଟେକ୍ନିସିଆନଙ୍କୁ ଗିରଫ କରିଛି। ପୋଲିସ କହିଛି, ବାହାଲସାହି ଗ୍ରାମର କଇଁତା ଭୂତିଆ(୭୫) ଅସୁସ୍ଥ ହେବା ଯୋଗୁ ରବିବାର ଅନୁଗୋଳର ଜଣେ ଡାକ୍ତରଙ୍କ ନିକଟକୁ ଯାଇଥିଲେ। ଏକ ଇଞ୍ଜେକଶନ ନେବା ଜରୁରୀ ଥିବାରୁ ପରିବାର ଲୋକେ କଇଁତାଙ୍କୁ ଏକ ଘରୋଇ ପାଥୋଲ୍ୟାବକୁ ନେଇଥିଲେ। ସେଠାରେ ଟେକ୍ନିସିଆନ ମଦନ ସାହୁ ଇଞ୍ଜେକଶନ ଦେବା ପରେ କଇଁତାଙ୍କ ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଯାଇଥିଲା। ଏ ନେଇ ବୃଦ୍ଧାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ନଂ. ୨୯୯/୨୦ରେ ଏକ ମାମଲା ରୁଜୁ କରାଯାଇ ମଦନଙ୍କୁ ଗିରଫ କରାଯାଇଥିଲା। ପରେ ତାଙ୍କୁ ଜାମିନରେ ଛଡାଯାଇଛି। ଘଟଣାର ତଦନ୍ତ ଜାରିଥିବା ଆଇଆଇସି ଜ୍ଞାନରଞ୍ଜନ ସାମଲ କହିଛନ୍ତି।

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଶ୍ରମିକ ମୃତ

**କାମାକ୍ଷାନଗର, ୨୩।୮(ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ମାଳପୁରା ନିକଟରେ ଜାତୀୟ ରାଜପଥ ସମ୍ପ୍ରସାରଣ ଲାଗି ବିଦ୍ୟୁତ୍ କାର୍ଯ୍ୟ ଚାଲିଥିବାବେଳେ ଖୁଣ୍ଟରୁ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ମଙ୍ଗଳପୁର ଗ୍ରାମର ଗଣେଶ ବାନରା (୨୨)। ବିନା ସୁରକ୍ଷା ଉପକରଣରେ ୧୦୦ ଫୁଟ ଉଚ୍ଚ ଖୁଣ୍ଟରେ ଚଢ଼ି କାର୍ଯ୍ୟ କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ତାଙ୍କୁ କାମାକ୍ଷାନଗରର ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ଅନୁଗୋଳରୁ ୯ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ୍, ୨୩।୮:** ଅନୁଗୋଳ ଜିଲାରୁ ୯ ଜଣ କରୋନା ପଜିଟିଭ୍ ରବିବାର ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ଚିହ୍ନଟ ସଂଖ୍ୟା ୬୩୮ରେ ପହଞ୍ଚିଥିବା ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ତାଳଚେର ବ୍ଲକରୁ ସର୍ବାଧିକ ୪ ଜଣ, ବଅଁରପାଳ ବ୍ଲକରୁ ୨ ଜଣ, ଅନୁଗୋଳ ବ୍ଲକ, ଅନୁଗୋଳ ପୌରାଞ୍ଚଳ ଓ କିଶୋରନଗର ବ୍ଲକରୁ ଜଣେ ଲେଖାଏ ରହିଛନ୍ତି। ତାଳଚେର ବ୍ଲକ ଅଞ୍ଚଳର ୪ ସଂକ୍ରମିତଙ୍କ ମଧ୍ୟରୁ ୨ ଜଣ ପୁରୁଷ, ଜଣେ ମହିଳା ଓ ଜଣେ ବାଳକ ଅଛନ୍ତି। ବଅଁରପାଳ ବ୍ଲକର ୨ ଜଣ ପୁରୁଷ ହୋଇଥିବା ବେଳେ ଅନୁଗୋଳ ବ୍ଲକର ଜଣେ ପୁରୁଷ, ପୌରାଞ୍ଚଳରୁ ଜଣେ ପୁରୁଷ ଓ କିଶୋରନଗର ବ୍ଲକ ଅଞ୍ଚଳରୁ ଜଣେ ପୁରୁଷ ରହିଛନ୍ତି। ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ତାଳଚେର କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ସୁସ୍ଥ ହୋଇଥିବା ୧୮ ଜଣଙ୍କୁ ନିଜ ଘରେ ଆଇସୋଲେସନ୍‌ରେ ରହିବାକୁ କୁହାଯାଇଛି। ଜିଲାରେ ମୋଟ୍ ସୁସ୍ଥଙ୍କ ସଂଖ୍ୟା ୪୨୫ରେ ପହଞ୍ଚିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

### କେଲୁଅ ନଦୀରେ ଭାସିଯାଇ ବୃଦ୍ଧ ମୃତ

**ଚଣ୍ଡିଖୋଲ, ୨୩।୮ (ଡି.ଏନ୍.ଏ):** କେଲୁଅ ନଦୀରେ ଭାସିଯାଇ ବଡଚଣା ବ୍ଲକ ଅଧୀନ ସାଉଡ଼ିଆ ପଞ୍ଚାୟତ ବାଲିକୁଦା ଗ୍ରାମର କୁଳମଣି ପ୍ରଧାନ(୬୨)ଙ୍କ ରବିବାର ଭୋରରୁ ମୃତ୍ୟୁ ଘଟିଛି। ସେ ନଦୀକୁ ଶୌଚ ହେବାକୁ ଯାଇଥିବା ବେଳେ ସେଠାରେ ତାଙ୍କ ଗୋଡ଼ ଖସିଯାଇଥିଲା। ନଦୀର ପ୍ରଖର ସ୍ରୋତରେ ସେ ଭାସିଯାଇଥିଲେ। ସକାଳୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ତାଙ୍କର ପତ୍ତା ମିଳି ନ ଥିଲା। ନଦୀ ତୁଠରେ କୁଳମଣିଙ୍କ ଚପଲ ଓ ଟର୍ଚ୍ଚ ପଡିଥିବାରୁ ସେ ନଦୀରେ ବୁଡ଼ି ଯାଇଥିବା ସନ୍ଦେହ କରି ପରିବାର ଲୋକେ ଅଗ୍ନିଶମ ସେବା ସଂସ୍ଥାକୁ ଖବରଦେଇଥିଲେ। ଚଣ୍ଡିଖୋଲ ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ସେଠାରେ ପହଞ୍ଚି ୨ଘଣ୍ଟା ଖୋଜାଖୋଜି କରିବା ପରେ ବେଙ୍ଗପୁର ନିକଟରୁ କୁଳମଣିଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା।

# କ୍ଷେତକୁ ନିଅଣ୍ଟ ସାର

**ଅନୁଗୋଳ ଅଫିସ, ୨୩।୮**

ପ୍ରଥମେ ନିଅଣ୍ଟିଆ ବର୍ଷା, ଆଉ ଏବେ ସାର ଅଭାବକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଅନୁଗୋଳ ଜିଲାର ଚାଷୀ। ପଛେଇ ଯାଇଥିବା ଚାଷକୁ ଆଗେଇ ନେବା ପାଇଁ ସେମାନଙ୍କ ନିକଟରେ ସାର ହିଁ ଏକମାତ୍ର ବିକଳ୍ପ ରହିଛି। କିନ୍ତୁ ଠିକଣା ସମୟରେ ତାହା ଯୋଗାଇବାରେ କୃଷି ବିଭାଗ ବିଫଳ ହୋଇଛି। ଚଳିତବର୍ଷ ଜିଲାର କୃଷି କ୍ଷେତକୁ ମୋଟ୍ ୫ ହଜାର ଟନ୍ ୟୁରିଆ ଦରକାର। ହେଲେ ବର୍ତ୍ତମାନ ସୁଦ୍ଧା ୩ ହଜାର ୭ ଶହ ଟନ୍ ଗଚ୍ଛିତ ଥିବାବେଳେ ୧୩ ଶହ ଟନ୍ ୟୁରିଆ ଅଭାବ ରହିଛି। ତେବେ ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ଦୁଇ ଦିନ ଭିତରେ ୪ ଶହ ଟନ୍ ସାର ପହଞ୍ଚିବା ସେଠାକାର ଚାଷୀଙ୍କ ପାଇଁ ଆଶ୍ୱାସନ ହୋଇଥିବା କୁହାଯାଉଛି। ଆଗାମୀ ଦିନରେ ୫ ଶହ ଟନ୍ ୟୁରିଆ ଆସି ପହଞ୍ଚିବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟରୁ ସୂଚନା ମିଳିଛି।

କୃଷି ବିଭାଗ ତଥ୍ୟ ମୁତାବକ, ଅନୁଗୋଳ ଜିଲାରେ ଚଳିତ ଖରିଫ ଋତୁରେ ମୋଟ୍ ୮୭ ହଜାର ୫୦ ହେକ୍ଟର ଜମିରେ ଚାଷ ହୋଇଛି। ସେଥିରୁ ୮୩ ହଜାର ୮୪୮ ହେକ୍ଟରରେ ଧାନ ଓ ଅବଶିଷ୍ଟ ଜମିରେ ଅଣଧାନ ଚାଷ କରାଯାଉଛି। ଜିଲା ପ୍ରଶାସନ ପକ୍ଷରୁ ବାରମ୍ବାର ଚିଠି ସତ୍ତ୍ୱେ ଆବଶ୍ୟକ ସାର ପହଞ୍ଚିବାରେ ବିଳମ୍ବ ହେଉଛି। ଜିଲାର ମୋଟ୍ ୮ଟି ବ୍ଲକ ମଧ୍ୟରୁ ୬ଟି ବ୍ଲକରେ କିଛି କିଛି ସାର ମହଜୁଦ୍ ରହିଛି। ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ପ୍ରାୟତଃ ସମସ୍ୟା ଦୂର ହୋଇଛି। ତଥାପି ନିଅଣ୍ଟିଆ ସାର ପାଇଁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ତ୍ତମାନ ଅନୁଗୋଳ ଗୋଦାମ ଓ ଛେଣ୍ଡିପଦା ଗୋଦାମରେ ପ୍ରାୟ ଦେଢ଼ ଶହ ଟନ୍ ୟୁରିଆ ରହିଛି। ସରକାର ସେବା ସମବାୟ ସମିତି (ପ୍ୟାକ୍ସ) ଜରିଆରେ ଚାଷୀଙ୍କୁ ସାର ଯୋଗାଇ ଦେଉଥିବାରୁ ଅନୁଗୋଳ ଗୋଦାମ ଉପରେ ଅନୁଗୋଳ ବ୍ଲକର ୧୮ଟି ପ୍ୟାକ୍ସ, ତାଳଚେରର ୬ଟି ଓ ବଅଁରପାଳ ବ୍ଲକର ୧୩ଟି ପ୍ୟାକ୍ସ ନିର୍ଭରଶୀଳ। ସେହିପରି ଛେଣ୍ଡିପଦା ଗୋଦାମ ଛେଣ୍ଡିପଦା ବ୍ଲକର ୧୯ଟି ପ୍ୟାକ୍ସ ସହ କଣିହାଁର ୧୦ଟି ପ୍ୟାକ୍ସକୁ ସାର ଯୋଗାଉଛି। ଅଧିକାଂଶ ପ୍ୟାକ୍ସରେ ଆଦୌ ସାର ନ ଥିବାବେଳେ କିଛି ସ୍ଥାନରେ ମାତ୍ର ୨ରୁ ୩ ଟନ୍ ଲେଖାଏ ସାର ରହିଛି। ବର୍ତ୍ତମାନ ସ୍ଥିତିରେ ଜିଲା ପାଇଁ ଆଉ ଏକ ହଜାର ଟନ୍ ସାର ଆବଶ୍ୟକ ରହିଛି। ଅପରପକ୍ଷରେ ସରକାରୀସ୍ତରରେ ଏହି ନିଅଣ୍ଟିଆ ସ୍ଥିତିର ଫାଇଦା ଉଠାଇବାରେ ଲାଗିଛନ୍ତି କେତେଜଣ ବ୍ୟବସାୟୀ। ସରକାରୀ ସ୍ତରରେ ଯେଉଁ ସାର ୨୬୭ ଟଙ୍କାରେ ମିଳିବା କଥା ତାହା ଏବେ ଦୁଇଗୁଣ ଦରରେ ବିକ୍ରି କରାଯାଉଛି। ଫଳରେ ସାର ଅଭାବର ଶିକାର ହୋଇଥିବା ଚାଷୀ ଏହାକୁ ଖୋଲା ବଜାରରୁ ଚଢ଼ା ଦରରେ କିଣି ଶୋଷଣର ଶିକାର ହେଉଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଉପନିର୍ଦ୍ଦେଶକ ଭୋଳାଶଙ୍କର ବେହେରା କହିଛନ୍ତି, ଅନୁଗୋଳରେ ସାର ର୍ୟାକ୍ ନ ଥିବାରୁ ସମସ୍ୟା ଉପୁଜୁଛି। ଏ ନେଇ ସମ୍ବଲପୁର ରେଳବାଇ ଡିଭିଜନାଲ୍‌ଙ୍କୁ ଚିଠି କରାଯାଇଛି। ର୍ୟାକ୍ ହୋଇଗଲା ପରେ ଅନୁଗୋଳ ଜିଲା ସମ୍ବଲପୁର ଓ କଟକ ର୍ୟାକ୍ ଉପରେ ନିର୍ଭର କରିବ ନାହିଁ। ଚଳିତ ବର୍ଷ କରୋନା ପାଇଁ ର୍ୟାକ୍ ନିର୍ମାଣରେ ବିଳମ୍ବ ହୋଇଛି। ଆସନ୍ତା ବର୍ଷକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ। କିଶୋରନଗର ଓ ଆଠମଲ୍ଲିକରେ ଥିବା ସାର ସମସ୍ୟା ଏବେ ଦୂର ହୋଇଛି। ଆଉ ୫ ଶହ ଟନ୍ ୟୁରିଆ ଦୁଇରୁ ତିନି ଦିନ ମଧ୍ୟରେ ସମ୍ବଲପୁର ର୍ୟାକ୍‌ରୁ ଆସି ଅନୁଗୋଳରେ ପହଞ୍ଚିବ। ଫଳରେ ସାର ସମସ୍ୟା ରହିବ ନାହିଁ ବୋଲି କୃଷି ଉପନିର୍ଦ୍ଦେଶକ ବେହେରା ପ୍ରକାଶ କରିଛନ୍ତି।



ଏକ ଚାଷୀ ପରିବାର ତଳି ରୋଇବାକୁ ନେଉଛନ୍ତି।

- ଅନୁଗୋଳ ଜିଲାକୁ ଆବଶ୍ୟକ ୫ ହଜାର ଟନ୍ ୟୁରିଆ
- ଗଚ୍ଛିତ ଅଛି ୩ ହଜାର ୭ ଶହ ଟନ୍
- ଅଭାବର ଫାଇଦା ନେଇ ଚାଷୀଙ୍କୁ ଶୋଷଣ

### ର୍ୟାକ୍ ହେବ ବୋଲି ଶୁଣିଆସୁଛୁ



ଅନୁଗୋଳରେ ସାର ର୍ୟାକ୍ ହେବ ବୋଲି ବହୁ ବର୍ଷ ହେଲା ଶୁଣିଆସୁଛୁ। କିନ୍ତୁ କେବେ ଏହା ହେବ ଓ ଚାଷୀଙ୍କ ନିକଟରେ ଠିକଣା ସମୟରେ ସରକାର ସାର ପହଞ୍ଚାଇବେ ତାହା ପ୍ରଶ୍ନବାଚୀରେ ରହିଯାଉଛି। ସରକାର ତ୍ୱରିତ ପଦକ୍ଷେପ ନେବା ଦରକାର।

- ତଅଁଲୁ ସାହୁ, ଚାଷୀ

### ତୁରନ୍ତ ସାର ଯୋଗାଯାଉ



ବର୍ଷା ଅଭାବ କାରଣରୁ ଚଳିତବର୍ଷ ବିଳମ୍ବରେ ଚାଷ କାର୍ଯ୍ୟ ଆରମ୍ଭ ହେଲା। ବାରମ୍ବାର ଲଘୁଚାପ ଚାଷ ପାଇଁ ସମସ୍ୟା ସୃଷ୍ଟି କରୁଥିବା ବେଳେ ଏବେ ସାର ନ ମିଳିବା ଚାଷୀକୁଳଙ୍କୁ ଚିନ୍ତାରେ ପକାଉଛି। ତୁରନ୍ତ ଏହାର ସମାଧାନ କରାଯାଉ।

- ବିଜୟ ସାହୁ, ଚାଷୀ

### ଚଢ଼ା ଦରରେ କିଣିବାକୁ ପଡୁଛି



ଚାଷୀଙ୍କୁ ସାର ଯୋଗାଣରେ ସରକାର ବିଫଳ ହେଉଥିବାରୁ ଦୁଇଗୁଣା ଦର ଦେଇ ଖୋଲା ବଜାରରୁ କିଣିବାକୁ ପଡୁଛି। ଠିକଣା ସମୟରେ କ୍ଷେତରେ ସାର ନ ପଡ଼ିଲେ ଧାନ ଗଛ ବଢ଼ିବ ନାହିଁ। ଏଥିପ୍ରତି ଜିଲା କୃଷି ବିଭାଗ ଧାନ ଦେବାକୁ ଦାବି ହେଉଛି।

- ମନୋଜ ପ୍ରଧାନ, ଚାଷୀ

## ପାର୍ବଣରେ ରକ୍ତ ସଂଗ୍ରହ




ଶିବିରରେ ଜଣେ ରକ୍ତଦାତା ରକ୍ତ ପ୍ରଦାନ କରୁଛନ୍ତି।

**ଅନୁଗୋଳ ଅଫିସ୍, ୨୩।୮**

ଅନୁଗୋଳ ଅମଲାପଡ଼ାସ୍ଥିତ ମା' ବାସନ୍ତୀ ଦୁର୍ଗା ପାଠାଗାର ଠାରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବ ଜନତା ଦଳର ଜିଲା ସଭାପତି ଦୀନେଶ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଗଣେଶ ପୂଜା ଓ ନୂଆଁଖାଇ ଅବସରରେ ଏହା ଅୟୋଜିତ ହୋଇଥିଲା। ଏହି ଶିବିରରେ ୩୦ ୟୁନିଟ୍‌କୁ ମିଶାଇ ବିଜୁ ଯୁବ ଜନତା ଦଳ ପକ୍ଷରୁ ଲକ୍‌ଡାଉନ୍ ସମୟ ମଧ୍ୟରେ ମୋଟ୍ ୫୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇ ସାରିଲାଣି। ମୁଖ୍ୟଅତିଥି ଭାବେ ଶିବିରରେ ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁ ଜିଲା ସଂଯୋଜକ ଶକ୍ତିପ୍ରସାଦ ପଟ୍ଟନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଭକ୍ତିପ୍ରସାଦ ଦାସ, ପ୍ରଦୀପ ଦେବତା, ବିଜୁ ଯୁବ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ଚନ୍ଦ୍ରକାନ୍ତ ପ୍ରଧାନ, ପ୍ରମିଳା ନାଏକ, ଅନୁପ ମହାନ୍ତି, ଟୁଟୁ ପ୍ରଧାନ, ପ୍ରତାପ ମହାପାତ୍ର, ଶୁଭେନ୍ଦୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ଜେଲରେ କରୋନା: ୩ କର୍ମଚାରୀ ପଜିଟିଭ୍

**ଢେଙ୍କାନାଳ ଅଫିସ, ୨୩।୮**

ସମସ୍ତ ସତର୍କତା, ପ୍ରତିଷେଧକ ବ୍ୟବସ୍ଥା ସତ୍ତ୍ୱେ ଢେଙ୍କାନାଳ ଜିଲା କାରାଗାରରେ କରୋନା ପଶିଛି। ଜିଲା ଜେଲର ୩ କର୍ମଚାରୀ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାପରେ ଅନ୍ତେବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଜିଲାରେ ରବିବାର ଗୋଟିଏ ଦିନରେ ୬୦ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପଟେ ଚିକିତ୍ସା ପରେ ୨୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜେଲ କର୍ମଚାରୀଙ୍କୁ ବାଦ୍ ଦେଲେ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଭୁବନ ଏନ୍‌ଏସିରୁ ୧୮ ଜଣ, ଭୁବନ ବ୍ଲକରୁ ୨୨ ଜଣ, ଗଁଦିଆ ବ୍ଲକରୁ ୪ ଜଣ, ଓଡ଼ାପଡ଼ା ବ୍ଲକରୁ ୩ ଜଣ, ସଦର ବ୍ଲକରୁ ୩ ଜଣ, ପୌରାଞ୍ଚଳରୁ ୨ ଜଣ, କାମାକ୍ଷାନଗର ବ୍ଲକରୁ ୨ଜଣ ଅଛନ୍ତି। ସେହିପରି କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ୩ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ଢେଙ୍କାନାଳ, ଗୋବିନ୍ଦପୁର ଓ ହିନ୍ଦୋଳ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ନୂଆ ସଂକ୍ରମିତଙ୍କୁ ମିଶାଇ ଜିଲାରେ ମୋଟ୍ ୧,୨୧୫ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୮୨୩ ଜଣ ସୁସ୍ଥ ହୋଇ ଫେରିଲେଣି। ଏଥିସହ ଆକ୍ରାନ୍ତ ବାହାରିଥିବା ଘର ଓ ଅଞ୍ଚଳକୁ ପ୍ରଶାସନ ପକ୍ଷରୁ ବିଶୋଧନ କରାଯାଇଥିବା ସୂଚନା ମିଳିଛି।



ଗୋଟିଏ ଗେଟ୍ ଦେଇ ରେଙ୍ଗାଳି ଡ୍ୟାମ୍‌ରୁ ବନ୍ୟା ଜଳ ନିଷ୍କାସନ କରାଯାଉଛି।

## ଖୋଲିଲା ରେଙ୍ଗାଳି ଗେଟ୍

**କଣିହାଁ, ୨୩।୮(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ବ୍ଲକସ୍ଥିତ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଛି। ଶନିବାର ରାତି ପ୍ରାୟ ୯ଟାରେ ଡ୍ୟାମ୍‌ର ଗୋଟିଏ ଗେଟ୍ ଖୋଲାଯାଇ ବନ୍ୟାଜଳ ଛଡାଯାଇଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୧୨୩.୫୦ ମିଟର ହୋଇଥିବାବେଳେ ଜଳସ୍ତର ୧୨୧.୫୫ ମିଟରରେ ପହଞ୍ଚିଥିଲା। ରେଙ୍ଗାଳି ଡ୍ୟାମ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଜିତ ଜେନାଙ୍କ ସୂଚନା ମୁତାବକ, ୭ ନମ୍ବର ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ରବିବାର ସନ୍ଧ୍ୟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୧.୯୨ ମିଟର ରହିଛି। ଉପର ମୁଣ୍ଡରୁ ପ୍ରତି ସେକେଣ୍ଡରେ ୨୯୨୭.୩୪ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ଖୋଲାଯାଇଥିବା ଗେଟ୍ ଦେଇ ଓ ବିଦ୍ୟୁତ୍ ଉତ୍ପାଦନ ପାଇଁ ପ୍ରତି ସେକେଣ୍ଡରେ ୨୦୧୬.୧୬ ଘନମିଟର ଜଳ ନିଷ୍କାସନ ହେଉଥିବା ଡ୍ୟାମ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଜିତ କୁମାର ଜେନା ପ୍ରକାଶ କରିଛନ୍ତି। ସେହିପରି ଡ୍ୟାମ୍‌ର ତଳମୁଣ୍ଡ ସମଲଠାରେ ଥିବା ବ୍ୟାରେଜକୁ ରେଙ୍ଗଳି ଡ୍ୟାମ୍‌ରୁ ଛଡ଼ାଯାଉଥିବା ପାଣି ସହ ଶାଖାନଦୀ ଟିକିରା, ସମାକୋଇ, ଶିଗିଡ଼ାରୁ ୨୧ଶହ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ଆଶିଂକ ଭାବେ ଖୋଲାଯାଇଥିବା ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିବା ବ୍ୟାରେଜ ନିର୍ବାହୀ ଯନ୍ତ୍ରୀ ବିଶ୍ୱମୋହନ ବରାଳ ପ୍ରକାଶ କରିଛନ୍ତି।

## 'ସୁସ୍ଥ ଜୀବନଶୈଳୀ ପରିଣତ ବୟସରେ ସୁସ୍ଥ ରଖେ'




ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି।

**ଅନୁଗୋଳ ଅଫିସ୍, ୨୩।୮:** ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟ କରୁଥିବା ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି। ସମାଜ ପ୍ରତି ବରିଷ୍ଠ ନାଗରିକମାନଙ୍କ ଥିବା ମହତ୍ତ୍ୱପୂର୍ଣ୍ଣ ଅବଦାନ ଓ ପରିଣତ ବୟସରେ ପରିବାର ମଧ୍ୟରେ ସେମାନଙ୍କ ଯତ୍ନ କିପରି ନିଆଯିବ ସେ ସମ୍ପର୍କରେ ଅଧିବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଫାଉଣ୍ଡେଶନ ପକ୍ଷରୁ ପାର୍ଶ୍ୱବର୍ତ୍ତୀ ଗ୍ରାମାଞ୍ଚଳରେ ସଚେତନଧର୍ମୀ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜାମୁଣ୍ଡା ଜଙ୍ଗଲ ଟେଲିମେଡିଶିନ ସେଣ୍ଟର ଠାରେ ବରିଷ୍ଠ ନାଗରିକମାନଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ବଣ୍ଟନ କରାଯାଇଥିଲା। ଅକୁପେଶନାଲ ହେଲଥ ସେଣ୍ଟର ଡାକ୍ତର କୃଷ୍ଣ ପ୍ରସାଦ ବେହେରା ଯୋଗଦେଇ ସୁସ୍ଥ ଜୀବନଶୈଳୀ ବ୍ୟକ୍ତିଙ୍କୁ ପରିଣତ ବୟସରେ ମାନସିକ ଓ ଶାରୀରିକ ଭାବେ ସୁସ୍ଥ ରଖିଥାଏ ବୋଲି ପ୍ରକାଶ କରିଥିଲେ। ଜେଏସ୍‌ପିଏଲ୍‌ର ସିଏସ୍‌ଆର, ଆଇଆର୍, ଏଲ୍‌ଏ ବିଭାଗର ସଦସ୍ୟମାନେ ଉପସ୍ଥିତ ଥିଲେ। ଅନୁଗୋଳସ୍ଥିତ ଦିଶା ଓ ନବଜୀବନ ବରିଷ୍ଠ ନାଗରିକ ହୋମ୍‌ର ଅନ୍ତେବାସୀଙ୍କୁ ସ୍ୱଚ୍ଛତା କିଟ୍ ପ୍ରଦାନ କରାଯାଇଥିଲା।

## ଦେଢ଼ କିମି ବୁହାହେଲେ ପ୍ରସୂତି, ଶିଶୁ

**କାମାକ୍ଷାନଗର, ୨୩।୮(ଡି.ଏନ.ଏ.)**

ଢେଙ୍କାନାଳ ଜିଲାର ଆଦିବାସୀବହୁଳ ଦୁର୍ଗମ କାନ୍ତୋଲ ପଞ୍ଚାୟତରେ କମୁନି ଜନନୀ ଯନ୍ତ୍ରଣା। ଗ୍ରାମକୁ ଯିବା ରାସ୍ତାରେ ଏକାଧିକ ପାହାଡ଼ିଆ ନାଳ ସ୍ୱାସ୍ଥ୍ୟସେବାରେ ସାଜିଛି ପ୍ରତିବନ୍ଧକ। ଫଳରେ ଜରୁରୀସମୟରେ ସ୍ରୋତପୂର୍ଣ୍ଣ ନାଳ ପାର ହୋଇ ମେଡିକାଲ ଆସିବାକୁ ସଂଘର୍ଷ କରୁଛନ୍ତି ଗର୍ଭବତୀ, ପ୍ରସୂତି। ଶନିବାର ଏଭଳି ଏକ ଘଟଣାର ପୁନରାବୃତ୍ତି ଘଟିଛି ଏକୁଲ ଗ୍ରାମରେ। ପ୍ରସବ ପରେ ଜଣେ ମହିଳା ଏବଂ ନବଜାତ ଶିଶୁଙ୍କୁ ଡାକ୍ତରଖାନା ଆଣିବାରେ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ ପରିବାର ସଦସ୍ୟ। ଷ୍ଟ୍ରେଚରରେ ବହୁକଷ୍ଟରେ ପିଚ୍ଛୁଳି ନାଳ ପାର କରାଇବା ପରେ ଏକ ବେସରକାରୀ ଗାଡ଼ିରେ ମା' ପିଲା ପହଞ୍ଚିଥିଲେ ଡାକ୍ତରଖାନାରେ। ସକାଳ ୮ଟାରୁ ଆରମ୍ଭ ହୋଇଥିବା ଏହି କସରତ ୬ଘଣ୍ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ସହ ଶେଷ ହୋଇଥିଲା।



ପ୍ରସୂତି ଓ ଶିଶୁଙ୍କୁ ଷ୍ଟ୍ରେଚରରେ ନିଆଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଏକୁଲ ଗ୍ରାମର ଆର୍ତ୍ତବନ୍ଧୁ ଦେହୁରୀଙ୍କ ସ୍ତ୍ରୀ ଅହଲ୍ୟା (୨୨)ଙ୍କ ଶନିବାର ସକାଳେ ପ୍ରସବ ବେଦନା ହୋଇଥିଲା। ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ଯନ୍ତ୍ରଣାରେ ଛଟପଟ ହୋଇ ଘରେ ହିଁ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ ଅହଲ୍ୟା। ଅଧିକ ଚିକିତ୍ସା ଲାଗି ପରିବାର ଲୋକେ ଉଭୟଙ୍କୁ କାମାକ୍ଷାନଗର ଡାକ୍ତରଖାନାକୁ ଆଣିବାକୁ ନିଷ୍ପତ୍ତି ନେଇଥିଲେ। ଏଥିଲାଗି ସେମାନେ ଏକ ବେସରକାରୀ ଗାଡ଼ି ସହିତ ଯୋଗାଯୋଗ କରିଥିଲେ। ହେଲେ ପାଣି ଭର୍ତ୍ତି ପିଚ୍ଛୁଳି ନାଳ ଡେଇଁ ନ ପାରି ଗାଡ଼ି ଅଟକି ରହିଥିଲା ଅପରପାର୍ଶ୍ୱରେ। ଅନ୍ୟ ଉପାୟ ନ ଥିବାରୁ ଘର ଲୋକେ ଆଶାଦିଦିଙ୍କ ସହାୟତାରେ ଏକ ଷ୍ଟ୍ରେଚରରେ ମହିଳା, ଶିଶୁକୁ ଧରି ଦେଢ଼କିମି ବାଟ ଚାଲିଚାଲି ଆସିଥିଲେ। ବଡ଼କଷ୍ଟରେ ନାଳ ପାର ହେବା ପରେ ଉକ୍ତ ବେସରକାରୀ ଗାଡ଼ିରେ ମା'ଶିଶୁଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଏ ସଂକ୍ରାନ୍ତରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ରତ୍ନାକର ସାମଲ କୁହନ୍ତି, ଚିକିତ୍ସା ପରେ ମା'ଶିଶୁ ସୁସ୍ଥ ଅଛନ୍ତି। ରବିବାର ଉଭୟଙ୍କୁ ଘରକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଦୁର୍ଗମ କାନ୍ତୋଲ, ଏକୁଲ, ସେକୁଲ, କୋଟ ଅଞ୍ଚଳରେ ସବୁଦିନିଆ ସଡ଼କ ନ ଥିବାରୁ ବର୍ଷତମାମ ରୋଗୀମାନେ ଏପରି ସମସ୍ୟା ଭୋଗୁଛନ୍ତି। ସରକାରୀ ଏବଂ ପ୍ରଶାସନିକସ୍ତରରେ ଅନେକ ଯୋଜନା କରାଯାଉଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

- ଦୁର୍ଗମ ଅଞ୍ଚଳର ଦୁଃଖ ପିଚ୍ଛୁଳି ନାଳ
- ୬ଘଣ୍ଟା ପରେ ପହଞ୍ଚିଲେ ମେଡିକାଲରେ

